## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଆସିକା,୨।୧୦(ଡି.ଏନ.ଏ.):** ଆସିକା-ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥ ଚେରମାରିଆ ନିକଟରେ ରବିବାର ଅପରାହ୍ଣରେ ଏକ ବାଇକ ଦୁର୍ଘଟଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କନ୍ଧମାଳ ଜିଲା ରାଇକିଆର ପିଣ୍ଟୁ ପ୍ରଧାନ (୨୫)। ପିଣ୍ଟୁ ବ୍ରହ୍ମପୁର ବୈକୁଣ୍ଠ ନଗରରେ ରହୁଥିଲେ। ଦୁର୍ଘଟଣା ପରେ ଗୁରୁତର ପିଣ୍ଟୁଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବଡ଼ନଦୀରୁ ମୃତଦେହ ଜବତ

**ଆସିକା,୨।୧୦(ଡି.ଏନ.ଏ.):** ଗାଙ୍ଗପୁର ଥାନା ଅନ୍ତର୍ଗତ ଖୁକୁଣ୍ଡିଆ ଗ୍ରାମ ନିକଟ ବଡନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି । ହେଲେ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ । ମୃତଦେହ ବ୍ୟବଚ୍ଛେଦ ଲାଗି ଆସିକା ଡାକ୍ତରଖାନାକୁ ପଠାଇଥି ମୃତକଙ୍କ ପରିଚୟ ଜାଣିବା ଲାଗି ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୁଗୁଡା,୨।୧୦(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମସ୍ଥ ଶ୍ରୀକାନ୍ତ ସ୍ୱାମୀ ତପୋବନ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଥ ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକବୃନ୍ଦ ଓ ଛାତ୍ରୀଛାତ୍ର ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଜଣେ ପ୍ରତିଭାବାନ ଲେଖକ, ସୁବକ୍ତା ଓ ନିଖୁଣ କଳାକାର ଭାବେ ଅଞ୍ଚଳରେ ପରିଚିତ।

### ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଚାରାରୋପଣ

**ଧରାକୋଟ,୨।୧୦(ଡି.ଏନ୍.ଏ.):** ବ୍ଲକର ଡଉଗାଁ ପଞ୍ଚାୟତ କାର୍ଯ୍ୟାଳୟ, ଡଉଗାଁ ଛକ, ପଙ୍କଳବାଡି କାଳୀ ମନ୍ଦିର ପରିସରରେ ରବିବାର ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଚାରାରୋପଣ କରାଯାଇଥିଲା। ବ୍ୟାଙ୍କର ଓଡ଼ିଶା ଜୋନାଲ ମ୍ୟାନେଜର କୁନ୍ତଳ ବିଶ୍ୱାସ, ଡଉଗାଁ ସରପଞ୍ଚ ମନ୍ତୁ ପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ରମାକାନ୍ତ ପାଣିଗ୍ରାହୀ, ଆସିକା ଥାନାଧିକାରୀ ପ୍ରଶାନ୍ତ ସାହୁ ଓ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ଚାକୁଣ୍ଡି, ଆମ୍ବ, ପଣସ, କଦମ୍ବ, ଓଉ, ପିଜୁଳି, ବେଲ ଆଦି ଚାରାରୋପଣ କରିଥିଲେ।

### ଗ୍ରାମ ସମୃଦ୍ଧି, ସ୍ୱଚ୍ଛତା ପକ୍ଷ ପାଳିତ

**ବଲସକୁମ୍ପା,୨।୧୦:** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତର ଗ୍ରାମସଭା ଏବଂ ଗାନ୍ଧୀ ଜୟନ୍ତୀ ରାଜୀବ ଗାନ୍ଧୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଅମ୍ବିକା କହଁର, କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମଚରଣ ମହାନ୍ତି, ଗ୍ରାମ ରୋଜଗାର ସେବକ ରିତା ରାଣୀ ନାୟକ, ନାୟବ ସରପଞ୍ଚ ବିଳାସିନୀ ସାହାଣୀ, ହଲ୍ଟି କଲଟ୍ର ଆରତୀ ପ୍ରଧାନ, ବିପିଏମ୍ ସନାତନ ମଲ୍ଲିକ, ଭାଜପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ଗ୍ରାମ ସାଥୀ, ପ୍ରଭାତ କହଁର, ପ୍ରଫୁଲ୍ଲ ବେହେରା, ବିଶ୍ୱାମିତ୍ର ପ୍ରଧାନ, ରାଜକିଶୋର ବେହେରା, ପରମା ନନ୍ଦ ଦେହୁରୀ, ସୂର୍ଯ୍ୟକାନ୍ତ ଦାସ, ଉଦ୍ଧବ ବିଷୋୟୀ, ପଙ୍କଜ ମହାନନ୍ଦ ସମେତ ସମସ୍ତ ୱାର୍ଡ ମେମ୍ବର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ସରପଞ୍ଚ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପଲ୍ଲୀସଭା ମାଧ୍ୟମରେ ପ୍ରତି ୱାର୍ଡରୁ ଆସିଥିବା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସେଥିମଧ୍ୟରୁ ପ୍ରମୁଖ ସମସ୍ୟା ଗୁଡ଼ିକ ଯଥାଶୀଘ୍ର ସମାଧାନ କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ କିପରି ଭାବେ ସ୍ୱାବଲମ୍ବୀ ହେବା ସହିତ ସମୃଦ୍ଧି ଓ ସୁଦୃଢ ହେବ ସେ ଉପରେ ମଲ୍ଲିକ ସମସ୍ତଙ୍କୁ ବୁଝାଇ କହିଥିଲେ। ପରେ ମା' ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଜନଜାତି ହାଟ ପରିସର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସର ଓ ଗାଁ ଦାଣ୍ଡ ସଫା କରାଯାଇଥିଲା।

# ଟ୍ରାଫିକ୍ ଜଗିଛି ୪ ସାଧାରଣ ସିସି କ୍ୟାମେରା

**ଛତ୍ରପୁର,୨।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବ୍ରହ୍ମପୁର ସହରରେ ଟ୍ରାଫିକ୍ ମନିଟରିଂ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଛି। ସହରକୁ ଗଞ୍ଜାମ ସମେତ ଗଜପତି, କନ୍ଧମାଳ ଓ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାରୁ ଦୈନିକ ବହୁ ସଂଖ୍ୟାରେ ଯାନବାହନ ଆସିବା ସହ ହଜାର ହଜାର ଲୋକ ବିଭିନ୍ନ କାମରେ ଆସିଥାନ୍ତି। ଏଥିଲାଗି ଟ୍ରାଫିକ୍ ଜାମ୍ ଏକ ସାଧାରଣ କଥା ହେଲାଣି । ଅନ୍ୟପକ୍ଷରେ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ପାଳନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ହେଲେ ସହରରେ ଟ୍ରାଫିକ୍ ମନିଟରିଂ ପାଇଁ ପର୍ଯ୍ୟାପ୍ତ ପ୍ରମୁଖ ଛକରେ ସିସି କ୍ୟାମେରା ଲାଗିନି । ମାତ୍ର ୪ଟି ସ୍ଥାନରେ ସାଧାରଣ

## ବ୍ରହ୍ମପୁର ସହରରେ ମନିଟରିଂ ଚାଲେଞ୍ଜ

ସିସି କ୍ୟାମେରା ଲାଗିଛି। ଏଚ୍‌ଡି ସିସି କ୍ୟାମେରା ବଦଳରେ ସାଧାରଣ ଲାଗିଛି।

ବ୍ରହ୍ମପୁର ସହରର ଗେଟ୍ ବଜାର, କମାପଲ୍ଲୀ, ପିଭିଏନ୍ ରାଓ ଛକ ଓ ଟାଟା ବେଞ୍ଚ ଛକରେ ସାଧାରଣ ସିସି କ୍ୟାମେରା ଲାଗିଛି । ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଟ୍ରାଫିକ୍ ମନିଟରିଂ ପାଇଁ ଏହା ଲଗାଯାଇଥିଲା । ସେତିକିରେ ଏହି ବ୍ୟବସ୍ଥା ଅଟକି ରହିଛି। ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର ଏସପି ଅଫିସ୍ ଓ ଛତ୍ରପୁର ସ୍ଥିତ ଆରଟିଓ ଅଫିସ୍ ପକ୍ଷରୁ ଉକ୍ତ ସିସି କ୍ୟାମେରା ଦ୍ୱାରା ଟ୍ରାଫିକ୍ ମନିଟରିଂ ହେଉଛି । ଅନ୍ୟପକ୍ଷରେ ବ୍ରହ୍ମପୁର ସହରର ଆହୁରି ବହୁ ଗୁରୁତ୍ୱପୂର୍ଣ୍ଣ ଛକ ରହିଛି । ସେଠାରେ ଟ୍ରାଫିକ୍ ଜାମର ମୁକାବିଲା ସହ ମନିଟରିଂର ଜରୁରୀ ଆବଶ୍ୟକତା ରହିଛି । ବ୍ରହ୍ମପୁର ସହରରେ ଆହୁରି ସିସି କ୍ୟାମେରା ଏବଂ ଏଗୁଡ଼ିକ ଏଚ୍‌ଡି ହେବା ଆବଶ୍ୟକ ବୋଲି ଗତ କିଛି ଦିନ ପୂର୍ବେ ଛତ୍ରପୁର ଠାରେ ଅନୁଷ୍ଠିତ ପାର୍ଲାମେଣ୍ଟ ସଦସ୍ୟ ସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଆଲୋଚନା ହୋଇଥିଲା । ଟ୍ରାଫିକ୍ ମନିଟରିଂ ପାଇଁ ଏହି ସିସି କ୍ୟାମେରା ଲଗାଯାଇଥିଲା ଏବଂ ସହରର ସମସ୍ତ ଛକରେ ଏହା ଲଗାଯିବା କଥା ବୋଲି ବିଏମସି କମିଶନର ସେତେବେଳେ କହିଥିଲେ । ଅନୁଦାନ ମିଳିଲେ ଉକ୍ତ ସିସି କ୍ୟାମେରା ଲଗାଯାଇପାରିବ ବୋଲି କୁହାଯାଇଥିଲା । ବ୍ରହ୍ମପୁର ସହର ପ୍ରବେଶ ପଥ ତଥା ଲାଞ୍ଜିପଲ୍ଲୀ ଛକରେ ଫ୍ଲାଏ ଓଭର ଆବଶ୍ୟକ ଥିବା ବ୍ରହ୍ମପୁର ଏସପି ମଧ କହିଛନ୍ତି। ଏଥିସହ ରାସ୍ତା ଗୁଡିକର ଇଂଜିନିୟରିଂ ତ୍ରୁଟି ରହୁଛି। ଏଥିଲାଗି ଦୁର୍ଘଟଣା ବୃଦ୍ଧି ପାଉଛି । ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବା ଉପରେ ବ୍ରହ୍ମପୁର ଏସପି ଗୁରୁତ୍ୱାରୋପ ମଧ କରିଥିଲେ । ଦୈନିକ ବ୍ରହ୍ମପୁର ସହରକୁ ୪୫୦ ବସ ପ୍ରବେଶ କରୁଛି । ଏଥିସହ ମାଲ ପରିବହନ ପାଇଁ ମଧ ଶତାଧିକ ଟ୍ରକ ସହରକୁ ଯାତାୟତ କରିଥାଏ । ଟ୍ରକ୍ ଟର୍ମିନାଲ ପ୍ରସ୍ତାବରେ ଅଟକିଥିବା ବେଳେ ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଉନଥିବାରୁ ବସଗୁଡିକ ସହର ମଧରେ ଯାତାୟତ କରୁଛି ।

# ତାରାତାରିଣୀ, ଦକ୍ଷିଣକାଳୀ ପୀଠରେ ମହାଷ୍ଟମୀ

**ପୁରୁଷୋତ୍ତମପୁର,୨।୧୦(ଡି.ଏନ.ଏ.)**


ମା'ତାରାତାରିଣୀ।

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରେ ରବିବାର ମହାଷ୍ଟମୀ ପାଳନ କରାଯାଇଛି। ଏଥିଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଜଳେଶ୍ୱରଖଣ୍ଡି ଗ୍ରାମରେ ବିଜେ ମା' ଦକ୍ଷିଣକାଳୀଙ୍କ ପୀଠରେ ମଧ ଭିଡ ଜମିଥିଲା। ଭୋର ସାଢ଼େ ୪ଟାରେ ମନ୍ଦିର ଦ୍ୱାର ଫିଟା ଯାଇ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ସେବାୟତ ବାପୁଜୀ ରଣା ମହାଗୌରୀ ବେଶରେ ସଜାଇ ଥିଲେ। ସେହିପରି ରାତିରେ ମା' ମହାକାଳୀ ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମୁଖ୍ୟ ପୁରୋହିତ ପଣ୍ଡିତ ସୀମାଞ୍ଚଳ ଦାସଶର୍ମାଙ୍କ ଦ୍ୱାରା ଚଣ୍ଡିପାଠ, ହୋମଯଜ୍ଞ ସହ ପରମ୍ପରା ଅନୁସାରେ ମହାଷ୍ଟମୀ ନୀତି ସମ୍ପାଦନ ସହ ମା ସିଂହାସନରୁ ଓହ୍ଲାଇ ସିଂହାରୁଢ ହୋଇ ଏକୋଇଶି ପାହାଚ ଆସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅନ୍ୟାନ୍ୟ ଯୋଗୀନିଙ୍କ ଉଦ୍ଦେଶ୍ୟରେ ପଣା ହାଣ୍ଡି ଭାଙ୍ଗି ପୁଣି ଗମ୍ଭୀରାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଶାର୍ଦ୍ଧରେ ମହାଦୀପ ଉଠିଥିଲା। ସେବାୟତ ସଂଘ ସଭାପତି ତପନ କୁମାର ରଣା, ବାପୁଜୀ ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀ, ତହସିଲଦାର ସନ୍ତୋଷ କୁମାର ସାହୁ, ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ। ତେବେ କେତେଜଣ ସେବାୟତଙ୍କ ଖରାପ ବ୍ୟବହାରରେ ଭକ୍ତ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ବିଗତ ଦିନରେ ଏଭଳି କେତେଜଣ ସେବାୟତ ଭକ୍ତ ଦକ୍ଷିଣା ନ ଦେବାରୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ପୋଲିସ ୨ ସେବାୟତଙ୍କୁ ଗିରଫ କରିଥିଲା। ସେ ସମୟରେ ଜିଲା ପ୍ରଶାସନ ଏଭଳି କାର୍ଯ୍ୟ କରୁଥିବା ସେବାୟତଙ୍କୁ କଡା କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲା।

# ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହେଉଛି।

**ଛତ୍ରପୁର,୨।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଛତ୍ରପୁର ଏନ୍‌ଏସି ଓ ଜିଲା ସଂସ୍କୃତି ବିଭାଗ ମିଳିତ ଆନୁକୁଲ୍ୟରେ ପୋଲିସ ପ୍ୟାରେଡ ପଡିଆ ସମ୍ମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୋରରେ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତେ ଗାନ କରାଯାଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ଜିଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ବିଧାୟକ ସୁବାସ ଚନ୍ଦ୍ର ବେହେରା,ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଦ୍ୱାରା ଅନାବରଣ

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ତରଫରୁ ବିଶିଷ୍ଟ କଳାକାର ଗଣେଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛତ୍ରପୁର କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ବୈଷ୍ଣବ ଜନତେ ସଙ୍ଗୀତ ପରିବେଷଣ ହୋଇଥିଲା। ପବିତ୍ର ଶ୍ରୀମଦ୍‌ଭଗବତ ଗୀତା କବିରାଜ ବଟକୃଷ୍ଣ ତ୍ରିପାଠୀ, କୋରାନ ଶେଖ ମହମ୍ମଦ ସୟଦ ଓ ବାଇବେଲ ଚନ୍ଦ୍ର ଶେଖର ମଲ୍ଲିକଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗାନ୍ଧିଜୀ ଥିଲେ ସର୍ବ ଧର୍ମ ସମନ୍ୱୟର ପ୍ରତୀକ। ଅହିଂସା ଅସ୍ତ୍ରକୁ ପାଥେୟ କରି ଦେଶର ସ୍ୱାଧୀନତା ଆଣିଥିଲେ। ତେଣୁ ଅହିଂସାକୁ ଅସ୍ତ୍ର କରି ସମାଜକୁ ଆଗେଇ ନେବା ବୋଲି ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବକ୍ତବ୍ୟ ରଖିଥିଲେ। ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପ୍ରଚେଷ୍ଟାରେ ଗାନ୍ଧିଜୀଙ୍କ ନୂଆ ମୂର୍ତ୍ତି ସ୍ଥାପିତ ହୋଇପାରିଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଥିଲେ । ଏଥିପାଇଁ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକଙ୍କ ଉଦ୍ୟମ ମଧ ପ୍ରଶଂସନୀୟ ବୋଲି କହିଥିଲେ। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଜିତେନ ପରିଡାଙ୍କ ସହଯୋଗରେ କଳାବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

## ୨୫ୟୁନିଟ ରକ୍ତ ସଂଗ୍ରହ

**ପାରଳାଖେମୁଣ୍ଡି,୨।୧୦(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଗଜପତି ବ୍ଲଡ ଡୋନେଟର ସଙ୍ଗଠନ ଓ ପାରଳାଖେମୁଣ୍ଡି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ପାରଳାଖେମୁଣ୍ଡିଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ବ୍ଲଡ ଡୋନେଟର ସଂଘର ସଭାପତି ଜି.ନବୀନ କୁମାର, ଉପସଭାପତି ଏସ୍.ଋଷି, ସମ୍ପାଦକ ୱାଇ. ଚନ୍ଦ୍ରଶେଖର, ଅମ୍ବିକା ମହାପାତ୍ର, କେ.ଶରତ କୁମାର, ମୋହିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ମୋଟ ୨୫ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି ।

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

**ଭଞ୍ଜନଗର,୨।୧୦(ଡି.ଏନ.ଏ.)**

ସ୍ଥାନୀୟ ଘୁମୁସୁର ଦକ୍ଷିଣ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ରବିବାର ୬୮ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଘୁମୁସୁର ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ଅଧକ୍ଷତା କରିଥିଲେ। ଶୂଳପାଣି ଶତପଥୀ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଅନୁପମ ବାନାର୍ଜୀ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ସୁରେଶ କୁମାର ସ୍ୱାଇଁ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବିଭୂତି ଭୂଷଣ ଜେନା ଘୁମୁସୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ।

# ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କ ଜୟନ୍ତୀ


ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଭଞ୍ଜନଗର,୨।୧୦(ଡି.ଏନ.ଏ.)**

ସମାଜ ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କ ଜୟନ୍ତୀ ଉତ୍ସବ ଶନିବାର ବେଲଗୁଣ୍ଠା ବ୍ଲକ ତନରଡ଼ା ଶ୍ରୀବସ୍ତ ପଣ୍ଡା ଗୋରକ୍ଷାଶ୍ରମରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସଭାପତି ଆଚାର୍ଯ୍ୟ ସୁଦର୍ଶନ ଦେବ ଅଧକ୍ଷତା କରିଥିଲେ। ବକ୍ତାଭାବେ ଆଚାର୍ଯ୍ୟ ବେଦନିଷ୍ଠ, ଆଚାର୍ଯ୍ୟ ବେଦପ୍ରକାଶ, ଆଚାର୍ଯ୍ୟ ସ୍ତୁତିପ୍ରିୟ ବନପ୍ରସ୍ତି, ଆଚାର୍ଯ୍ୟ ବାମଦେବ, ସ୍ୱାମୀ ଆତ୍ମାନନ୍ଦ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ଓଡ଼ିଶା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ସଦସ୍ୟ, ଓଡ଼ିଶାରେ ସଂସ୍କାରବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଏବଂ ଜଣେ ସମାଜ ସଂସ୍କାରକ ଭାବେ ଶ୍ରୀବସ୍ତ ପଣ୍ଡା ପରିଚିତ

## ନାରୀ ଶିକ୍ଷାରେ ଉନ୍ନତି, ଗୋରକ୍ଷାରେ ଶ୍ରୀବସ୍ତଙ୍କ ଅବଦାନ ଅତୁଳନୀୟ

ଥିଲେ। ସେ ଓଡ଼ିଶାରେ ନାରୀ ଶିକ୍ଷାର ବିକାଶ, ଗୋରୁଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଥିଲେ। ବେଲଗୁଣ୍ଠା ବ୍ଲକ ମନ୍ଦାରରେ ୧୮୭୦ରେ ଶ୍ରୀବସ୍ତ ଜନ୍ମଗ୍ରହଣ କରିଥିଲେ। ୧୯୪୩ରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କର ନୀତି, ଆଦର୍ଶ ପ୍ରତି ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବକ୍ତାମାନେ ଆହ୍ୱାନ କରିଥିଲେ। ଡ.ଉଷା ପାଢ଼ୀ ଓମ୍ ପତାକା ଉତ୍ତୋଳନ କରିଥିଲେ। ଶୁକ୍ରବାର ୧୫୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଯଜ୍ଞ ସେଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ବାଲ୍ମୀକି ପଟ୍ଟନାୟକ ବକ୍ତାଭାବେ ଯୋଗ ଦେଇଥିଲେ। ଦୁଇଦିନିଆ ଏହି କାର୍ଯ୍ୟକ୍ରମକୁ ଆଶ୍ରମର ବରିଷ୍ଠ କର୍ମକର୍ତ୍ତା ପଞ୍ଚାନନ ପାଳ, ସନ୍ତୋଷ ଆଚାରୀ, ସୁବ୍ରତ ସାମଲ, ଗୋପବନ୍ଧୁ ସାହୁ, ସ୍ତୁତି ପ୍ରିୟ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ପୁରୁଣା ମେଡିକାଲ କୋଠାରେ ପୁଣି ସ୍ୱାସ୍ଥ୍ୟସେବା

**ହିଞ୍ଜିଳିକାଟୁ,୨।୧୦(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ପୁରୁଣା ମେଡ଼ିକାଲ କୋଠାରେ ରବିବାର ଠାରୁ ପୁଣି ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି। ନ୍ୟାଶନାଲ ହେଲଥ ମିଶନ ଜରିଆରେ ଅର୍ବାନ ହେଲ୍‌ଥ ୱେଲନେସ ସେଣ୍ଟର ( ୟୁଏଚଡ଼ବ୍ଲ୍ୟୁସି) ଭାବେ ଉକ୍ତ ପୁରୁଣା କୋଠାରେ ସ୍ୱାସ୍ଥ୍ୟ ଆରମ୍ଭ ହୋଇଛି। ରବିବାର ଏହି ୟୁଏଚଡ଼ବ୍ଲ୍ୟୁସିକୁ ହିଞ୍ଜିଳିକାଟୁ ପୌର ପରିଷଦର ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ ଉଦଘାଟନ କରିଥିଲେ। ଉପାଧକ୍ଷା ସୁଚିତ୍ରା ପଣ୍ଡା, ବିଡ଼ିଓ ସୁବ୍ରତ କୁମାର ଜେନା, ଡ଼ା ମାଧବ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସହ ଏହି ସେଣ୍ଟରରେ ଯୋଗ ଓ ଫିଜିଓଥେରାପ ଆଦି ସୁବିଧା ପ୍ରଦାନ କରାଯିବ। ସହରାଞ୍ଚଳରେ ଜନସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହି କେନ୍ଦ୍ର ସହାୟକ ହେବ ବୋଲି ଅଧକ୍ଷ ପଲେଇ କହିଛନ୍ତି। ପ୍ରକାଶ ଯେ, ହିଞ୍ଜିଳିକାଟୁ ଆର୍‌ଏମସି ପରିସରରେ ନୂତନ ସବ-ଡ଼ିଭିଜିନାଲ ହସ୍ପିଟାଲ କୋଠା ନିର୍ମାଣ ପରେ ୨୦୨୦ରୁ ଉକ୍ତ କୋଠାରେ ହସ୍ପିଟାଲ ଚାଲିଛି।

# ବୃଦ୍ଧାବୃଦ୍ଧଙ୍କ ଅଭିଯୋଗ ଶୁଣାଣି

**ଫୁଲବାଣୀ ଅଫିସ, ୨।୧୦**

କନ୍ଧମାଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ବୃଦ୍ଧା ଦିବସ ସାର୍ତ୍ତାଗୁଡା ଠାରେ ଥିବା ବୃଦ୍ଧାଶ୍ରମରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଭିଜିଲାନ୍ସ ଜଜ ସନ୍ତୋଷ ଜେନା, ସମ୍ମାନିତ ଅତିଥି ଭାବେ ସିଜେଏମ୍ ସାଇକତ ପାତ୍ର, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅନୁଶୀଳା ରାୟ, ଫୁଲବାଣୀ ଓକିଲ ସଂଘ ସଭାପତି ବିଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ବୃଦ୍ଧା ବ୍ୟକ୍ତି ମାନଙ୍କ ପାଇଁ ଥିବା ଆଇନ ସେବା, ସରକାରଙ୍କ ଯୋଜନା ଉପରେ ଅବଗତ କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୫୦ ଜଣ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା କରାଯାଇଥିଲା। ବୃଦ୍ଧାବୃଦ୍ଧଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବୃଦ୍ଧା ବୃଦ୍ଧମାନେ।

# ବିଭିନ୍ନ ସ୍ଥାନରେ ବିଜେଡିର ପଦଯାତ୍ରା

**ଭଞ୍ଜନଗର/ହିଞ୍ଜିଳିକାଟୁ/ଆସିକା/ ଗୋପାଳପୁର/ କୁକୁଡ଼ାଖଣ୍ଡି/ ଖଲ୍ଲିକୋଟ, ୨।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରବିବାର ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ବେଲଗୁଣ୍ଠାରୁ ଆରମ୍ଭ ହୋଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପଦଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି। ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ଏବଂ ବିଜେଡି ବ୍ଲକ ସଭାପତି ଏସ୍. ରାମେଶ୍ୱର ପାତ୍ରଙ୍କ ମିଳିତ ସହଯୋଗରେ ପଦଯାତ୍ରା ବ୍ଲକ ଛକଠାରୁ ଆରମ୍ଭ ହୋଇ ବେଲଗୁଣ୍ଠା ମୁଖ୍ୟରାସ୍ତା ଦେଇ ଉଡୁରା ପଞ୍ଚାୟତର କୋକୋଲୁଣ୍ଡାଠାରେ ଶେଷ ହୋଇଥିଲା। ବ୍ଲକ ଉପାଧାକ୍ଷା ପ୍ରମିଳା ବିଷୋୟୀ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦୁର୍ଗାମାଧବ ନାୟକ, ବ୍ଲକ ଯୁବସଭାପତି ଶିବରାମ ରାଉତଙ୍କ ସମେତ ବହୁ ପ୍ରତିନିଧି ଯୋଗଦେଇଥିଲେ।

ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରୁ ପଦଯାତ୍ରାରେ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ପୌରପରିଷଦ ଅଧକ୍ଷ ସୁବାସ ପଲେଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା, ନଗର ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ବ୍ଲକ ଯୁବ ସଭାପତି ମନୋଜ କୁମାର ସାବତ, ବରିଷ୍ଠ ବିଜେଡି ନେତା ଦେବାନନ୍ଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ପ୍ରୀତି ସାହ ପ୍ରମୁଖ ଉପସ୍ଥିତ ଥିଲେ।


ବେଲଗୁଣ୍ଠାରେ ବିଜେଡି ପଦଯାତ୍ରାକୁ ଲୋକେ ସ୍ୱାଗତ କରୁଛନ୍ତି।

ଆସିକା ଏନଏସିର ୨ ନମ୍ବର ୱାର୍ଡ ବାଣୀବିହାରଠାରୁ ବିଜେଡିର ପଦଯାତ୍ରା ଆରମ୍ଭ ହୋଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକ, ଜିଲା ପରିଷଦ ସଦସ୍ୟ ଅନିମା ପରିଡ଼ା, ମନୋଜ ଦୋରା, ସବିତା ସ୍ୱାଇଁ, ଅଭିମନ୍ୟୁ ନାହାକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ରଣ୍ଢା ସରପଞ୍ଚ ଅଜିତ କୁମାର ରାଉଳ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡା. ଗୋପବନ୍ଧୁ ଦାଶ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବ୍ଲକ ଅଧକ୍ଷା ସିଏଚ୍. ଉଷା ରାଣୀ, ଗୋପାଳପୁର ଏନ୍‌ଏସି ଅଧକ୍ଷ ଜାନକୀ ରାମ, ଜିଲାପରିଷଦ ଉପାଧାକ୍ଷା ଏସ୍. ରାଜେଶ୍ୱରୀ ଦୋରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଞ୍ଚମା ସ୍ଥିତ ସିଦ୍ଧ ବିନାୟକ ପୀଠରେ ପୂଜାର୍ଚ୍ଚନା କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ରଣ୍ଢା ସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ ବିଧାୟକ ପ୍ରତିନିଧି ଉଦୟ କୁମାର ବେହେରା, ଏମ୍‌ପି ପ୍ରତିନିଧି ନିରଞ୍ଜନ ମହାନ୍ତି, ଗଞ୍ଜାମ ଜିଲା ଭିନ୍ନକ୍ଷମ ନେତା କେ.ମଣିବାବୁ, ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ପ୍ରମୁଖ ବହୁ ବରିଷ୍ଠ ନେତା ସାମିଲ ଥିଲେ। ଖଲ୍ଲିକୋଟରେ ଗାନ୍ଧୀ ଜୟନ୍ତୀ ଅବସରରେ ଖଲ୍ଲିକୋଟଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରି ବେହେରା, ଉପାଧକ୍ଷ ଭାରତୀ ମହାରଣା, ଏନ୍‌ଏସି ଅଧକ୍ଷ ନିରଞ୍ଜନ ବେହେରା, ଉପାଧକ୍ଷ ଲିଲି ସାହୁ, ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଖୁଣ୍ଟିଆ, ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ଏମ୍‌ପି ପ୍ରତିନିଧି ରତ୍ନାକର ସାହୁ, ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ପାଣ୍ଡି, ବ୍ଲକ ସଭାପତି ଦୟାନିଧି ସାହୁ, ନଗର ସଭାପତି ଟୁଟୁ ଦାଶ, ନଗର ବିଜେଡି ସଭାପତି କେ. ନରେନ୍ଦ୍ର ପାତ୍ର ଏବଂ ବହୁ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ମାଗଣା ସ୍ୱାସ୍ଥ୍ୟ ଶିବିର। ସ୍ଥାନ-ହରିହର ଭେଟ ମନ୍ଦିର,ସମୟ-ପୂର୍ବାହ୍ନ ସାଢ଼େ ୮ଟା।

## ସଂକ୍ଷେପରେ

### ପୋଲିସକୁ ଗାଳିଗୁଲଜ ଘଟଣା, ୨ ଗିରଫ

**ଗୋପାଳପୁର,୨।୧୦(ଡି.ଏନ.ଏ.):** ପୋଲିସକୁ କାର୍ଯ୍ୟରେ ବାଧାଦେବା ଓ ଗାଳି ଗୁଲଜ କରିବା ଅଭିଯୋଗରେ ରବିବାର ଗୋଳନ୍ଥରା ଥାନା ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଧା ମହୋନପୁର ଗ୍ରାମର ସାଗର ବେହେରା ଓ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ସୁମରନ ଡାକୁଆ। ଗୋଳନ୍ଥରା ଥାନା ପୋଲିସ କୁଠାର ସିଂ ଛକ ନିକଟରେ ଶନିବାର ଯାଞ୍ଚ କରୁଥିବା ସମୟରେ ଏକ କାର ଯୋଗେ ସାଗର ଓ ଡ଼ାକୁଆ ଭୈରବି ଅଭିମୁଖେ ଯାଉଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିଲେ ମଧ ସେମାନେ ଚାଲିଯାଇଥିଲେ। ଫଳରେ ପୋଲିସ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଥିଲା। ପୋଲିସ ହାବୁଡ଼ରେ ପଡ଼ିବା ପରେ ଉଭୟ ପୋଲିସକୁ ଗାଳିଗୁଲଜ କରିଥିଲେ। ଏନେଇ ପୋଲିସ ନଂ. ୩୫୯/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କାରକୁ ମଧ ଜବତ କରିଛି।

### ଦୁଇଟି ସ୍ଥାନରୁ ଚୋରି

**ଗୋପାଳପୁର,୨।୧୦(ଡି.ଏନ.ଏ.):** ଜଗୋପାଳପୁର ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଦୁଇଟି ସ୍ଥାନରେ ଚୋରି ହୋଇଛି। ଏହି ଥାନା ଅର୍ନ୍ତଗତ ଆମ୍ବପୁଆ ସ୍ଥିତ କଲ୍ୟାଣ ଡ୍ରଗ୍ସ ହାଉସ ନାମକ ଏକ ମେଡ଼ିକାଲ ଷ୍ଟୋରରୁ ମାଲିକ ସବୁଦିନ ଭଳି ଶନିବାର ମଧ ରାତିରେ ଦୋକାନ ବନ୍ଦ କରି ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁହା ସଟର ଲକ ଭାଙ୍ଗି ଭିତରେ ପଶି ଟଙ୍କା ପେଡ଼ି ନମିଳିବା ଫଳରେ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ମାଲିକ ରବିବାର ଜାଣିବା ପରେ ଗୋପାଳପୁର ଥାନାରେ ଅଭିଯୋଗ କରଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ନଂ. ୧୯୭/୨୨ରେ ଚୋରି ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସେହିଭଳି ବିକ୍ରମପୁର ଗ୍ରାମ ହନୁମାନ ମନ୍ଦିର ପରିସରରେ ଥିବା ଦାନ ହୁଣ୍ଡିରୁ ଟଙ୍କା ଚୋରି କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଗଞ୍ଜେଇ ଜବତ, ୨ ଗିରଫ

**ଆର.ଉଦୟଗିରି,୨।୧୦(ଡି.ଏନ.ଏ.):** ଗଜପତି ଜିଲା ଏସପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ମୋହନା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଷିକାଙ୍କ ତତ୍ତ୍ୱାବଧାନରେ ଏସଆଇ ଯୋତ୍ସ୍ନା ରୋଏ ଓ ତାଙ୍କ ଟିମ୍ ଅଠରନଳା ପଟେ ପାଟ୍ରୋଲିଂ କରୁଥିବା ବେଳେ ଏକ କାରକୁ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ବାହାରିଥିଲା। ଅତିରିକ୍ତ ତହସିଲଦାର ହିମାଂଶୁ ପଲାଇଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୨୧୩ କିଲୋ ହୋଇଥିଲା। ଉକ୍ତ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଥିବା ଦୁଇଜଣ ହେଲେ ଅଡବା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୨୩) ଓ ଅସ୍ଥ ମଣ୍ଡଳ (୨୩)। ଉକ୍ତ ଗଞ୍ଜେଇ ଚୁଡଙ୍ଗପୁରୁ ଅଞ୍ଚଳରୁ ଭୁନେଶ୍ୱରକୁ ଚାଲାଣ ହେଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି,୨।୧୦(ଡି.ଏନ୍.ଏ.)-** ପାରଳାଖେମୁଣ୍ଡି ସହରରେ ରବିବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି। ରାଜଦାଣ୍ଡ ସାହି-ଗାନ୍ଧୀସ୍କୁଲ-ସିନେମାହଲ ଛକକୁ ସଂଯୋଗୀ କରଣ କରୁଥିବା ରାସ୍ତାରେ ଜଣେ ମହିଳା ତାଙ୍କ ସମ୍ପର୍କୀୟଙ୍କ ସହ ଏକ ବାଇକ ବସି ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ମଧ ଏକ ବାଇକ ଯୋଗେ ପିଛାକରି ହଠାତ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ। ସୁନାହାରଟି ଛିଣ୍ଡିଯାଇ ଅଧା ଦୁର୍ବତ୍ତଙ୍କ ହାତରେ ପଡିଥିବା ବେଳେ ଅବଶିଷ୍ଠ ହାର ମହିଳା ଜଣଙ୍କ ଚୁନିରେ ଲାଗି ରହିଯାଇଥିଲା। ତେବେ ଦୃର୍ବୃତ୍ତମାନେ ଏଥିରେ ସନ୍ତୁଷ୍ଟି ନ ହୋଇ ପୁଣି ସେହି ସ୍ଥାନକୁ ଯାଇ ଅବଶିଷ୍ଟ ସୁନା ହାରକୁ ଖୋଜାଖୋଜି କରିଥିଲେ। ମହିଳା ଜଣକ ପାଟି ଶୁଣି ପଥଚାରୀ ଓ ସ୍ଥାନୀୟ ସାହିବାସିନ୍ଦା ପହଞ୍ଚି ଯାଇଥିବାର ଦେଖି ପୁଣି ଦୁର୍ବୃତ୍ତମାନେ ଚାଲିଯାଇଥିବାର ପ୍ରତ୍ୟେକ୍ଷ ଦର୍ଶୀଙ୍କ ସୂତ୍ରରୁ ପ୍ରକାଶ । ଏନେଇ ଅଞ୍ଚଳବାସୀ ୧୧୨କୁ ଫୋନ କରିଥିଲେ । ପରେ ୧୧୨ ଜରୁରୀକାଳୀନ ପୋଲିସ ଆସି ତଦନ୍ତ କରି ଫେରିଥିବାର ଜଣାପଡିଛି।

# ମାଲିକଙ୍କ ଗାଡ଼ି ହଡ଼ପ ଷଡ଼ଯନ୍ତ୍ର

- ପୋଲିସ କଲା ପର୍ଦ୍ଦାଫାସ
- ଡ୍ରାଇଭର ଗିରଫ, ଗାଡ଼ି ଉଦ୍ଧାର

**ଖଲ୍ଲିକୋଟ,୨।୧୦(ଡି.ଏନ.ଏ.)**

ମାଲିକର ବିଶ୍ୱାସରେ ବିଷ ଦେଇ ଜଣେ ଡ୍ରାଇଭର ଗାଡ଼ିକୁ ହଡପ କରିବା ପାଇଁ ନିଜେ ରଚିଥିଲା ମିଛ ଡକାୟତିର ଯୋଜନା। ଏହି ଘଟଣାର ଖଲ୍ଲିକୋଟ ପୋଲିସ ପର୍ଦ୍ଦାଫାସ କରି ଅଭିଯୁକ୍ତ ଡ୍ରାଇଭରଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାଟପୁର ଥାନା ଅନ୍ତର୍ଗତ ମଣିଦେଇପେଣ୍ଠ ଗ୍ରାମର କାହ୍ନୁ କୁମାର ଚୌଧୁରୀ(୨୬)। କାହ୍ନୁ ଭୁବନେଶ୍ୱରର ଜଣେ ମାଲିକଙ୍କ ପିକଅପ ଭ୍ୟାନକୁ ଚଳାଉଥିଲେ। ଗତ ୨୮ରେ କୌଣସି ଏକ ଭଡାରେ ଗାଡ଼ି ନେଇ ବ୍ରହ୍ମପୁର ଆସିଥିଲେ। ବ୍ରହ୍ମପୁରରୁ ଭଡା ଟଙ୍କା ଧରି ୨୯ରେ ନିଜ ଗାଁକୁ ପାଟପୁରକୁ ଯାଇଥିଲେ। ୩୦ରେ କାହ୍ନୁ ପିକଅପ ଧରି ଭୁବନେଶ୍ୱର ଫେରୁଥିବା ବେଳେ ଖଲ୍ଲିକୋଟ ବଡ଼ ଘାଟିରେ କେତେଜଣ ଦୁର୍ବୃତ୍ତ ଗାଡ଼ିକୁ ଗାଡ଼ିକୁ ଛଡାଇ ନେବା ସହ ଡ୍ରାଇଭରର ମୋବାଇଲ ଫୋନ ଓ ଡିଏଲ ମଧ ନେଇଯାଇଥିଲେ। ଏ ସମ୍ପର୍କରେ କାହ୍ନୁ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲେ। ମାଲିକ ଆସିବା ପରେ ଗତ ୧ ତାରିଖରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୫୧/୨୨ରେ ମାମଲା ରୁଜୁ କରିଥିଲା। ପରେ ସନ୍ଦେହ ହେବାରୁ କାହ୍ନୁକୁ ଥାନାରେ ଅଟକ ରଖି ଜେରା କରିବା ପରେ ସେ ନିଜେ ଲୁଟେରା ବୋଲି ଜଣାପଡିଥିଲା। ସେ ଲୁଚାଇ ରଖିଥିବା ନାରାୟଣୀ ଜଙ୍ଗଲରୁ ପିକଅପ ଗାଡ଼ିକୁ ଉଦ୍ଧାର କରାଯାଇଛି। ମାଲିକ ଚନ୍ଦନ କୁମାରଙ୍କୁ ଗାଡ଼ି ଚାବି ହସ୍ତାନ୍ତର କରିଛନ୍ତି ଏସଆଇ ହିମାଂଶୁ ପାତ୍ର। ଏ ନେଇ ରବିବାର ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଆଇସି ଜଗନ୍ନାଥ ମଲ୍ଲିକ ଉପସ୍ଥିତ ରହି ଏ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରିଥିଲେ।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।



ବୁଗୁଡାରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

# ପଡ଼ୋଶୀଙ୍କ ଆକ୍ରମଣରେ ବୃଦ୍ଧା ମୃତ

**ପୋଲସରା,୨।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡ଼ା ଶାସନ ଗ୍ରାମ କେନାଲ ରୋଡର ବଡରାଳ ସାହିରେ ରବିବାର ପଡ଼ୋଶୀଙ୍କ ଆକ୍ରମଣରେ ଜେଜେମାଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି। ମୃତ ମହିଳା ଜଣକ ସେହି ଗ୍ରାମର ଜମ୍ଭୁ ସାହୁ(୬୦) ଓ ତାଙ୍କ ନାତୁଣୀ ସନ୍ତୋଷିନୀ କୁଣ୍ଡ (୨୨)। ପ୍ରକାଶ ଯେ, ଉଭୟ ପଡୋଶୀଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ରବିବାର ଉଭୟ ପଡୋଶୀଙ୍କ ମଧ୍ୟରେ ଛୋଟ ପିଲା ଖେଳୁଥିବା ସମୟରେ ପିଲା ଖେଳକୁ ନେଇ ଝଗଡ଼ା ହୋଇଥିଲା। ପଡୋଶୀ ଯୁବକ ଜଣକ ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ଜମ୍ଭୁଙ୍କ ବେକକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେଜେମା'ଙ୍କୁ ରକ୍ଷା କରିବାକୁ ଯାଇ ନାତୁଣୀ ମଧ ଆହତ ହୋଇଥିଲେ। ଖବର ପାଇ ପୋଲସରା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠେଇବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡ଼ିକାଲକୁ ପଠାଇଛି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ନେଇ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଭଞ୍ଜନଗର ରକ୍ତ କେନ୍ଦ୍ରରେ ମିଳୁଛି ମାଗଣା ରକ୍ତ

**ଭଞ୍ଜନଗର,୨।୧୦(ଡି.ଏନ.ଏ)**

ଭଞ୍ଜନଗର ରକ୍ତ କେନ୍ଦ୍ର ପରିସରରେ ଶନିବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ରକ୍ତ କେନ୍ଦ୍ର ଅଧିକାରୀ ଡ. ଗୋବିନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ପୁରସ୍କୃତ କରିଥିଲେ। ଉପଖଣ୍ଡ ମେଡ଼ିକାଲ ଅଧିକ୍ଷକ ଡ.ସିତାଂଶୁ ଶେଖର ଶତପଥି, ଜିଲା ରେଡକ୍ରସ ଅଧିକାରୀ ବି.ଗୋବିନ୍ଦ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ଦେବବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଭଞ୍ଜନଗର ରକ୍ତ କେନ୍ଦ୍ର ରାଜ୍ୟର ଶ୍ରେଷ୍ଠ କେନ୍ଦ୍ର। ଏଠାରେ ରୋଗୀଙ୍କୁ ମାଗଣାରେ ରକ୍ତ ଯୋଗାଇ ଦିଆଯାଉଛି । ଅନ୍ୟ ଅଚଂଳରେ ରକ୍ତଦାତା ବଦଳ କିମ୍ବା ଟଙ୍କା ଦରକାର ପଡୁଛି । ଭଞ୍ଜନଗରରେ ରକ୍ତଦାତାଙ୍କ ସଂଖ୍ୟା ଅଧିକ ଯୋଗୁ ରୋଗୀଙ୍କୁ ରକ୍ତ ପାଇଁ କୌଣସି ଅସୁବିଧାର ସମ୍ମୁଖିନ ହେବାକୁ ପଡୁନାହିଁ। ଜାନୁୟାରୀ ପହିଲାରୁ ଆଜି ସୁଧା ୩ ହଜାର ୩ଶହରୁ ଉର୍ଦ୍ଧ୍ୱ ପ୍ୟାକେଟ ରକ୍ତ ସଂଗୃହୀତ ହୋଇଛି। ସେଥିରୁ ୩୨୦୦ ଲୋକଙ୍କୁ ମାଗଣାରେ ରକ୍ତ ଯୋଗାଇ ଦିଆଯାଇଛି। ୨ଜଣଙ୍କ କ୍ଷେତ୍ରରେ ରକ୍ତଦାତା ବଦଳ ଆବଶ୍ୟକତା ପଡ଼ିଥିଲା । ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧିକୁ ଦେଖି ରକ୍ତ କେନ୍ଦ୍ରର ଗଚ୍ଛିତ କ୍ଷମତା ବୃଦ୍ଧି ପାଇଁ ପ୍ରସ୍ତୁତି ଚାଲିଛି । ବର୍ତ୍ତମାନ ଏଠାରେ ୩ଶହରୁ ସାଢ଼େ ୩ଶହ ପ୍ୟାକେଟ ରଖିବା ବ୍ୟବସ୍ଥା ଅଛି । ତାହାକୁ ୬ଶହକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଇଛି ।

# ବନ୍ୟପ୍ରାଣୀ ସପ୍ତାହ ପାଳନ



ବନ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**କୋଟଗଡ଼,୨।୧୦(ଡି.ଏନ.ଏ.)**

ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ କୋଟଗଡ଼ ବନ ବିଭାଗ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି। ଅକ୍ଟୋବର ପ୍ରଥମ ସପ୍ତାହକୁ ବନ୍ୟପ୍ରାଣୀ ସପ୍ତାହ ଭାବେ ପାଳନ କରାଯାଏ। ୨ ତାରିଖ ହଉଛି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ । ଏହି ଅବସରରେ ମୁଖ୍ୟ ଅତିଥି ଆଇନଜୀବୀ କୌଶିକ ସାହୁ ଗାନ୍ଧୀଜୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୌଶିକ ସାହୁ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଉପସ୍ଥିତ ଲୋକଙ୍କୁ ସୂଚନା ଦେବା ସହ ସେମାନଙ୍କ ବଂଶରକ୍ଷା ଲାଗି ବୁଝାଇଥିଲେ। ବନ୍ୟପ୍ରାଣୀ ସବୁ ପ୍ରକୃତିର ସୌନ୍ଦର୍ଯ୍ୟ ବଢାଇଥାଏ। ଜଙ୍ଗଲ ସୁରକ୍ଷା ହେଲେ ବନ୍ୟପ୍ରାଣୀଙ୍କର ସୁରକ୍ଷା ହବ। ଉପସ୍ଥିତି ଥିବା ସମସ୍ତ ଲୋକଙ୍କୁ ଏବଂ ଅଞ୍ଚଳରେ କେମିତି ସଚେତନ ହେବେ ପ୍ରକୃତିର ସୁରକ୍ଷା କରିବେ ଏଥିପାଇଁ ଏକେ ଛୋଟ ଲୋକ ନାଟ୍ୟ ପ୍ରସ୍ତୁତ କରିଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ବନବିଭାଗର ଏହା ପ୍ରୟାସ। କାର୍ଯ୍ୟକ୍ରମରେ ଆଇନଜୀବୀ କୌଶିକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଏସିଏଫ ସୌମ୍ୟରଞ୍ଜନ ସାହୁ, କୋଟଗଡ଼ ବନରକ୍ଷୀ ସୂର୍ଯ୍ୟକାନ୍ତ ବେହେରା,ବନପାଳ ପ୍ରଭାତ କୁମାର ଦୋରା ଏବଂ ତୁମୁଡିବନ୍ଧ, ବେଲଘର,ବାଲିଗୁଡା, ନୂଆଗାଁ, ଦାରିଙ୍ଗବାଡି ଓ ବ୍ରାହ୍ମଣୀଗାଁ ରେଞ୍ଜର ବନରକ୍ଷୀମାନେ ଉପସ୍ଥିତ ଥିଲେ ।

# କୃଷି ବୈଷୟିକ କମିଟି ବୈଠକ

**ଧରାକୋଟ,୨।୧୦(ଡି.ଏନ୍.ଏ.)**

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସସକ୍ତୀକରଣ ବିଭାଗ ତରଫରୁ ଧରାକୋଟ ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରଠାରେ ବ୍ଲକ ସ୍ତରୀୟ ବୈଷୟିକ କମିଟିର ବୈଠକ ବିଡିଓ ଡାନିସ ବେହେରାଙ୍କ ତତ୍ତାବଧାନରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ମାସରେ ଏହି ବୈଠକ ଅନୁଷ୍ଠିତ ହୋଇ କୃଷକମାନଙ୍କ ଆତ୍ମ ନିର୍ଭର ଶିଳତା ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ଉପଯୋଗ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ଦୋରା, ସହକାରୀ ଉଦ୍ୟାନ ଅଧିକାରୀ ଶ୍ରୀକାନ୍ତ ସେଠୀ, ସହକାରୀ ମତ୍ସ୍ୟ ଅଧିକାରୀ ଶିବାନୀ ମହାନ୍ତି, ବିପିଏମ୍ ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ମୃତ୍ତିକା ସଂରକ୍ଷଣ ବିଭାଗର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଆତ୍ମା ତରଫରୁ ୨୮ ଦିନିଆ କୁକୁଡ଼ା ଚିୟାଁ ବଣ୍ଟନର ମୂଲ୍ୟ ହିତାଧିକାରୀଙ୍କ ଏକାଉଣ୍ଟକୁ ପ୍ରଦାନ, ବଏଲର୍ ସ୍କିମ,ଗାଈ ଟୀକା କରଣ, ମତ୍ସ୍ୟ ପୋଖରୀ ଯୋଜନା, କୃଷକ ଓଡ଼ିଶା ଏବଂ ସରକାରଙ୍କ ବିଭିନ୍ନ ବିଭଗର ଯୋଜନାର ସୁଫଳ ଯେପରି ସମସ୍ତେ ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ଶିବିର



ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ।

**ଜି.ଉଦୟଗିରି,୨।୧୦(ଡି.ଏନ.ଏ.)**

ଜି.ଉଦୟଗିରି ବିଜୁ କଲ୍ୟାଣ ମଣ୍ଡପଠାରେ ଶନିବାର ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଜି.ଉଦୟଗିରି ପଞ୍ଚାୟତ ସମିତି ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏନ୍ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ତହସିଲଦାର ଶୁଭ୍ରଞ୍ଜଳୀ ପ୍ରଧାନ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଏନ୍ଏସି ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ମେଡିକାଲ ଅଫିସର ଡ. ରତିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ଆମର ନମସ୍ୟ, ତାଙ୍କ ଯତ୍ନ ନେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ବ୍ଲକ ସଂଯୋଜକ ଜଗନ୍ନାଥ ରଥ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ୧୫୪ ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା କରାଯିବା ସହିତ ଔଷଧ ଦିଆଯାଇଥିଲା। ଡା. ପଲକ ରଞ୍ଜନ ପଣ୍ଡା, ଡା. କୌସ୍ତୁବ ରାଉତ, ଡା. ରାଜାରାମ ମୋହନଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି, ୨।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ବିଜେଡି ପକ୍ଷରୁ ପଥପ୍ରାନ୍ତ ସେବା କେନ୍ଦ୍ରରେ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳର ୨୫ ବର୍ଷ ପୂର୍ତ୍ତି ଏବଂ ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ସେ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସହ ପର୍ଯ୍ୟବେକ୍ଷକ କିଶୋର ମେହେର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଳିକ, ଉପାଧ୍ୟକ୍ଷ ନଳିନୀ କହଁର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

# ଯାଞ୍ଚ କମିଟିର ବାଲ୍ମୀକେଶର ଆଶ୍ରମ ପରିଦର୍ଶନ

**ଧରାକୋଟ,୨।୧୦(ଡି.ଏନ୍.ଏ.)**

ଧରାକୋଟସ୍ଥିତ ବାଲ୍ମୀକେଶର ଅନାଥ ଆଶ୍ରମ ସୋସାଇଟିକୁ ଜିଲା ଯାଞ୍ଚ କମିଟି ସଦସ୍ୟ ପରିଦର୍ଶନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଶିଶୁ କଲ୍ୟାଣ କମିଟି ସଭ୍ୟ ମିନତୀ ପ୍ରଧାନ ଓ ଲିପିକା ଅନୁଷ୍ଠାନର ରଞ୍ଜିତା ଦାଶ ଉକ୍ତ ଆଶ୍ରମ ପରିଦର୍ଶନ କରି ଶିଶୁମାନଙ୍କ ରହିବା ଘର, ଖାଦ୍ୟ, ପୋଷାକ, ଯତ୍ନ ଓ ସୁରକ୍ଷା ଇତ୍ୟାଦି ଦିଗରେ ଯାଞ୍ଚ କରିଥିଲେ। ତଦନ୍ତ ସମୟରେ ପରିଚାଳକ କେ.ଟୁନା ଦୋରା, ଭାରପ୍ରାପ୍ତ ଅଧିକାରୀ ପି.ଗୀତାଞ୍ଜଳି ଦୋରା, କର୍ମଚାରୀ ପ୍ରସାଦ କୁମାର ଗୌଡ଼, ନୀଳାଞ୍ଚଳ ମିଶ୍ର, ରଞ୍ଜିତ କୁମାର ଗୌଡ଼, ସୁନୀଲ ଚନ୍ଦ୍ର ସାଇଁ, ପ୍ରବୀଣ କୁମାର ମିଶ୍ର, ଶିଶିର କୁମାର ରାଜ, କାଳିଆ ବେହେରା, ପ୍ରଭାସିନୀ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ମହିଳା କର୍ମଚାରୀ ପ୍ରମିଳା କୁମାରୀ ବେହେରା, ଭାରତୀ ଗୌଡ, ଅନିତା ବେହେରା, ସାଗରିକା ବେହେରା, ଏ. ସୁନିତା କୁମାରୀ, ମଞ୍ଜୁଳା ପୋଲାଇ, ଅମିତା ସାହୁ, ରଞ୍ଜିତା ଗୌଡଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଶିଶୁ କନ୍ୟାଙ୍କ ନିରାପଦ ଓ ସୁରକ୍ଷାକୁ ନେଇ ଆଲୋଚନା କରି ଆଭ୍ୟନ୍ତରୀଣ ଯୌନ ଉତ୍ପୀଡ଼ନ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ଥିବା ସ୍ୱତନ୍ତ୍ର ରୋଷେଇ ଗୃହ, ବୈଠକ ଗୃହ, ପାଚେରି ଉନ୍ନତୀକରଣ ଆଦି ନିର୍ମାଣ କାର୍ଯ୍ୟ ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ କରିବାକୁ ପରିଚାଳକ କମିଟି ନିକଟରେ ଅନୁରୋଧ କରିଥିଲେ।


## ମନେ ପଡ଼ନ୍ତି

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା କମଳା କୁମାରୀ ନନ୍ଦ**

**ସ୍ୱାଃ ୰ଚକ୍ରଧର ନନ୍ଦ**
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।

**ପରିବାରବର୍ଗ ।**

ଧ-୧୬୯୮


# ବାଣୀବିକାଶ, ଭୌତିକ ଚିକିତ୍ସା ତାଲିମ ଶିବିର

**ଆସିକା,୨।୧୦(ଡି.ଏନ.ଏ.)**

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଗତ ଗୁରୁବାରଠାରୁ ଚାଲିଥିବା ୩ଦିନିଆ ବାଣୀବିକାଶ ଓ ଭୌତିକ ଚିକିତ୍ସା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମରୁ ଯୁକ୍ତ୨ ଶ୍ରେଣୀ ଯାଏ ଅଧ୍ୟୟନରତ ଆସିକା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶ୍ରବଣବାଧିତ ଏବଂ କଥନବାଧିତ ଛାତ୍ରୀଛାତ୍ରଙ୍କ ଲାଗି ବାଣୀବିକାଶ ତାଲିମ ଏବଂ ଚଳନ ବାଧିତ ଓ ମସ୍ତିଷ୍କ ପକ୍ଷାଘାତ ଛାତ୍ରୀଛାତ୍ରଙ୍କ ଲାଗି ଭୌତିକ ଚିକିତ୍ସା ସମ୍ପର୍କରେ ଶିବିରରେ ତାଲିମ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ ଶିବିରରେ ଉପସ୍ଥିତ ରହି ସେମାନଙ୍କ ପିଲାଙ୍କ ସମସ୍ୟାର କିଭଳି ସମାଧାନ କରିପାରିବେ ସେ ସମ୍ପର୍କରେ ତାଲିମ ନେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ଡାକୁଆ, ଲକ୍ଷ୍ମୀପ୍ରିୟା ସାହୁ, ଜଗନ୍ନାଥ ବେହେରା, ପ୍ରମିଳା ମିଶ୍ର ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ମନ୍ଦାକିନୀ ରଥ, ଶିବ ଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଜଣେ ଶିଶୁଙ୍କ ଚିକିତ୍ସା କରାଯାଉଛି।

# ଗାନ୍ଧୀ ଜୟନ୍ତୀ ପାଳିତ

**ଗଞ୍ଜାମ/ଆର. ଉଦୟଗିରି ,୨।୧୦ (ଡି.ଏନ.ଏ.)**

ଗଞ୍ଜାମ ସହର ସାନବଜାର ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ପ୍ରେସ କ୍ଲବ କର୍ମକର୍ତ୍ତା ଓ ସଦସ୍ୟା ସଦସ୍ୟ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତାରାଇ, ଉପଦେଷ୍ଟା ଉମାକାନ୍ତ ବେହେରା, ସମ୍ପାଦକ ବିଦ୍ୟାଧର ସାହୁ, ସହ ସମ୍ପାଦକ ନିରଞ୍ଜନ ପରିଡା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। **ଆର.ଉଦୟଗିରି:** ଆର.ଉଦୟଗିରି ବ୍ଲକ ପ୍ରଶାସନ ତରଫରୁ ଏକ ରାଲି ବାହାରି ଗ୍ରାମସ୍ଥିତ ଗାନ୍ଧୀ ପାର୍କରେ ପହଞ୍ଚିଥିଲା। ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଡିଓ ଲରିମନ ଖର୍ସେଲ ଓ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଏଥିସହ ସ୍ୱଚ୍ଛତା ପାଇଁ ଶପଥ ପାଠ କରିଥିଲେ। ପରେ ବ୍ଲକ, ତହସିଲ ଓ ମେଡିକାଲ କାର୍ଯ୍ୟାଳୟ ପରିସର ସଫେଇ କରାଯାଇଥିଲା।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223

# ପୀଠେ ମହାଷ୍ଟମୀ, ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା


ବିଜିପୁର କାଳୀ ମନ୍ଦିର।


ନୁଆବସ୍‌ଷ୍ଟାଣ୍ଡ କାଳୀ ମନ୍ଦିର।


ବୁଢ଼ୀ ଠାକୁରାଣୀ।


ଲାଞ୍ଜିପଲ୍ଲୀ କାଳୀ ମନ୍ଦିର


ହିଞ୍ଜିଳିକାଟୁ


ଆସିକା


ଦାରିଙ୍ଗବାଡି


ଜି.ଉଦୟଗିରି

## ଦେବୀ ପୀଠରେ ମହାଷ୍ଟମୀ

ବ୍ରହ୍ମପୁର ଅଫିସ,୨।୧୦

ନବରାତ୍ର ଅବସରରେ ଉତ୍ସବ ମୁଖର ବ୍ରହ୍ମପୁର ସହରରେ ଏକ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଛି। ସହରର ପ୍ରତ୍ୟେକ ମୁଖ୍ୟ ଛକ ଓ ବଜାରରେ ପୂଜା ପେଣ୍ଡାଲରେ ମା'ଙ୍କ ନବରାତ୍ର ପୂଜା ହେଉଛି। ସେହିପରି ସହରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଠାକୁାଣୀଙ୍କ ସମେତ ବିଜିପୁର, ଲାଞ୍ଜିପଲ୍ଲୀ, ନୂଆବସ୍‌ଷ୍ଟାଣ୍ଡ, ପାଣିଗ୍ରାହୀପେଣ୍ଠ, ଆମ୍ବପୁଆ ଓ ସାନଠାକୁରାଣୀ ପ୍ରତ୍ୟେକ ମନ୍ଦିରରେ ରବିବାର ସନ୍ଧ୍ୟା ୬.୩୪ରୁ ମହାଷ୍ଟମୀ ପୂଜା ଆରମ୍ଭ ହୋଇଛି। ମହାଷ୍ଟମୀ ଅବସରରେ ବୁଢୀ ଠାକୁରାଣୀ ମନ୍ଦିରରେ ମା'ଙ୍କ ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମଧ ରାତ୍ରିରେ ସନ୍ଧିପୂଜା ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ସେହିପରି ବିଜିପୁର ଠାକୁରାଣୀ ମନ୍ଦିରରେ ମୁଖ୍ୟ ପୂଜକ କାଲୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହେଉଛି। ଏଠାରେ ସନ୍ଧ୍ୟାରେ ମହାଷ୍ଟମୀ ପୂଜାର ନୀତି ଆରମ୍ଭ ହୋଇଥିଲା। ମଧ ରାତ୍ରିରେ ସନ୍ଧିପୂଜା ହୋଇଥିଲା। ସନ୍ଧିପୂଜା ନିୟମ ଅନୁସାରେ ବଳିପ୍ରଥା ପ୍ରଚଳନ ହେତୁ କୁଷ୍ମାଣ୍ଡ ବଳି ମା'ଙ୍କୁ ଅର୍ପଣ କରାଯାଇଥିବା ବିଜିପୁର କାଳୀ ମନ୍ଦିର ଉନ୍ନୟନ କମିଟି ସଭପତି ପି .ନରସିଂହ ରାଓ କହିଛନ୍ତି।

## ଭୀଷ୍ମଗିରି ପଞ୍ଚାୟତ ଗ୍ରାମସଭା ବାତିଲ

### ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନେଇ ହଟ୍ଟଗୋଳ

ଦିଗପହଣ୍ଡି,୨।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତରେ ରବିବାର ସରପଞ୍ଚ ଗାୟତ୍ରୀ ବ୍ରହ୍ମାଙ୍କ ଅଧକ୍ଷତାରେ ଗ୍ରାମସଭା ବସିଥିଲା। ସମିତିସଭ୍ୟ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ସାହୁଙ୍କ ଅନୁପସ୍ଥିତିରେ ଗ୍ରାମ ରୋଜଗାର ସେବକ ଲକ୍ଷ୍ମୀକାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ସଭା ଆରମ୍ଭରୁ ପଞ୍ଚାୟତର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ଷ୍ଟାଣ୍ଡପୋଷ୍ଟ ଦ୍ୱାରା ପାନୀୟଜଳ ଯୋଗାଣରେ ସମସ୍ୟା, ସବୁ ସାହିରେ ନିୟମିତ ନାଳ ନର୍ଦ୍ଦମା ସଫା ନ ହେବା, ଅର୍ଦ୍ଧାଧିକ ସାହିରେ ଷ୍ଟ୍ରିଟ ଲାଇଟ୍ ଜଳୁନଥିବା ପ୍ରତିବାଦରେ କେତେଜଣ ୱାର୍ଡସଭ୍ୟ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ସଭାରେ ପହଞ୍ଚି ହଟ୍ଟଗୋଳ କରିଥିଲେ। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପଞ୍ଚାୟତ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେବାରୁ ସରପଞ୍ଚ ସଭା ଅଧାରୁ ଉଠି ପଳାଇଥିଲେ। ସେଠାରେ ଉପସ୍ଥିତ ଗ୍ରାମ ରୋଜଗାର ସେବକ ସଭାକୁ ବାତିଲ କରାଗଲା ବୋଲି ଘୋଷଣା କରିଥିଲେ। ଏ ନେଇ ସରପଞ୍ଚଙ୍କୁ ପଚାରିବାରେ, ଦିଗପହଣ୍ଡି ପଞ୍ଚାୟତ ସମିତିର ଗତ ୨୯ ତାରିଖ ପତ୍ର ପ୍ରକାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଆଗାମୀ ଆର୍ଥିକ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ାର ଅନୁମୋଦନ ନିମନ୍ତେ ଗ୍ରାମସଭା ଡକାଯାଇଥିଲା। କେତେଜଣ ବ୍ୟକ୍ତି ଏହାକୁ ଭଣ୍ଡୁର କରିବା ନିମନ୍ତେ ସଭାକୁ ଆସି ହୋହଲ୍ଲା କରିବାରୁ ସଭାକୁ ବାତିଲ କରାଯାଇଛି। ପରେ ପୁଣିଥରେ ସଭା ଡକାଯାଇ ସମସ୍ତ କାର୍ଯ୍ୟଖସଡ଼ା ଅନୁମୋଦନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୌଣସି ସଭା କରିପାରିବେ ନାହିଁ ବୋଲି ବହୁ ସଂଖ୍ୟକ ୱାର୍ଡ ସଭ୍ୟ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଛକାପଞ୍ଝା ଲାଗିରହିଛି।

## ରେଳ ଷ୍ଟେଶନରେ କ୍ଲିନ୍ ଇଣ୍ଡିଆ ସ୍ୱଚ୍ଛତା କାର୍ଯ୍ୟକ୍ରମ


ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଷ୍ଟେଶନରେ ସଫେଇ।

ବ୍ରହ୍ମପୁର ଅଫିସ,୨।୧୦

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନଠାରେ କ୍ଲିନ୍ ଇଣ୍ଡିଆ ୨.୦ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଯୁବ ସଂଯୋଜକ ଅକ୍ଷୟ ନିପାନେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଳ ଷ୍ଟେଶନ ମୁଖ୍ୟ ପ୍ରବନ୍ଧକ ଦୁର୍ଗାପ୍ରସାଦ ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ କ୍ଲବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରେଳ ଷ୍ଟେଶନର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଗୋପାଳ କ୍ରିଷ୍ଣାଙ୍କ ସମେତ ଷ୍ଟେଶନର ସମସ୍ତ କର୍ମଚାରୀ ଓ ଜାତୀୟ ଯୁବ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ଷ୍ଟେଶନ ପରିସରକୁ ସ୍ୱଚ୍ଛ ଓ ପରିଷ୍କାର କରିଥିଲେ। ଏଥିସହ ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଅଭିଯାନ ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଭଦ୍ରା ଶୁକ୍ଳା, ମୃତ୍ୟୁଞ୍ଜୟ ପାତ୍ର, କେ.କ୍ରିଷ୍ଣା ରେଡ୍ଡୀ, ନିରୂପମା ଦଳାଇ, ରାଜେଶ ପାଣିଗ୍ରାହୀ, ଅମନ ପାତ୍ର, କ୍ରିଷ୍ଣା ପ୍ରସାଦ ଓ ବିନୋଦ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର ଅଫିସ,୨।୧୦


ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ରବିବାର ଜୟନ୍ତୀ ପାଳନରୁ ବିଜେଡିର ଆରମ୍ଭ ହୋଇଛି ଜନସମ୍ପର୍କ ପଦଯାତ୍ରା। ଗାନ୍ଧୀନଗର ଛକରେ ସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ବାହାରିଥିବା ପଦଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି କର୍ପୋରେଶନ ରୋଡ୍‌ସ୍ଥ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଏହି କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଦଳର ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଜିଲା ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ମହାନଗର ସାଙ୍ଗଠନିକ ଜିଲା ବିଜେଡି ସଭାପତି ଅଜିତ କୁମାର ପଣ୍ଡା ଓ ତାଙ୍କ ଟିମ୍ ଏବଂ ବିଜୟ ଚନ୍ଦ୍ର ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ଉପସଭାପତି ଭଗବାନ ଗନ୍ତାୟତଙ୍କ ସମେତ ଶତାଧିକ କର୍ମୀ ଓ ମହିଳା ସଂଗଠନର ନେତ୍ରୀମାନେ ଉପସ୍ଥିତ ଥିଲେ। ପଦଯାତ୍ରା ବେଳେ ବିଜେଡିର ନୀତି ଓ ଆଦର୍ଶ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘବର୍ଷର ସଫଳ ଶାସନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ପଦଯାତ୍ରା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିବା ପରେ ଏମ୍‌ପି, ଜିଲା ସଭାପତି ଓ ଅନ୍ୟ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ଲୋକଙ୍କୁ ସେବା ଯୋଗାଇଦେବାକୁ ସମବେତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ଶାସନର ସାଢ଼େ ୨୨ ବର୍ଷରେ ହୋଇଥିବା ବହୁମୁଖୀ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ୱାର୍ଡବାସୀଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବିଜେଡିର ଯୁବ, ଛାତ୍ର ଓ ମହିଳା ସଂଗଠନ କର୍ମକର୍ତ୍ତା ଓ କର୍ମୀ ଉତ୍ସାହର ସହ ପଦଯାତ୍ରାରେ ଯୋଗଦେଇଥିଲେ। ସୁରେନ୍ଦ୍ର ମହାରଣା, ସମୀର ମିଶ୍ର, ତିରୁପତି ପାତ୍ର, ସୋନାଲି ଗନ୍ତାୟତ, ମମତା ପାତ୍ର, ଆର. ପାୱାନୀ ପ୍ରମୁଖ ଦଳର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ପଦଯାତ୍ରା ମାସେ ଧରି ଚାଲିବ ଓ ଆସନ୍ତା ନଭେମ୍ବର ୨ରେ ଉଦ୍‌ଯାପିତ ହେବା ବୋଲି ଜିଲା ସଭାପତି ସୂଚାଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ଗୁରୁମୂର୍ତ୍ତି


@ ମୋନାଲିସା


@ ମଧୁସ୍ମିତା


@ ଲତିକା


@ ମିଳନ


@ ସସ୍ମିତା

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କୁଆଁର ପୂନେଇଁ ଜହ୍ନ ଲୋ ଉତ୍ସବ ପାଇଁ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨।୧୦

ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେଶନ ପକ୍ଷରୁ 'କୁଆଁର ପୂନେଇଁ ଜହ୍ନ ଲୋ' ଉତ୍ସବ ପାଇଁ ଗ୍ରାମୀଣ ମହିଳା କ୍ରୀଡ଼ା ପ୍ରତିଯୋଗିତା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ ମୁଖ୍ୟ ଆବାହକ ହୃଷୀକେଶ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦଉଡ଼ି ଡିଆଁ, ଖପରା ଡିଆଁ, ଠିଆପୁଚି, ବସା ପୁଚି, ହୁଳହୁଳି, ଶଙ୍ଖ ଫୁଙ୍କା ଓ କଉଡ଼ି ଖେଳ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସମେତ ଆଖପାଖରୁ ପ୍ରାୟ ୩ ଶହ ଝିଅ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ଟି.ବାଲାଜୀ ପାତ୍ର, ଡ. ମିହିର କୁମାର ତ୍ରିପାଠୀ, ଡି. ସୋମେୟା, ଭବାନୀ ଶଙ୍କର ମହାପାତ୍ର, ଡ. ବିଶ୍ୱନାଥ ପାଣିଗ୍ରାହୀ ଓ ଭଗବାନ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୯ ତାରିଖରେ ଆଇଟିଆଇ ଅଡିଟୋରିୟମ ହଲ୍‌ରେ କୁଆଁର ପୂନେଇଁ ଜହ୍ନ ଲୋ ଉତ୍ସବ ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

## ଗାନ୍ଧୀ ଜୟନ୍ତୀ ଅବସରରେ ଅହିଂସା ଦିବସ ପାଳିତ

ବ୍ରହ୍ମପୁର ଅଫିସ,୨।୧୦

ରେଶମ ସହରରେ ରବିବାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହାତ୍ମା ଗାନ୍ଧୀଙ୍କ ୧୫୩ତମ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସହରର କେତେକ ଘରୋଇ ଓ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ତଥା ଏନ୍‌ସିସି, ସ୍କାଉଟ ଓ ଗାଇଡ୍ ପକ୍ଷରୁ ଅହିଂସା ଦିବସ ପାଳିତ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସା ମାର୍ଗରେ ଦେଶକୁ ସ୍ୱାଧୀନତା ଆଣିଦେଇଥିଲେ। ଏଣୁ ପ୍ରତିବର୍ଷ ମହାତ୍ମାଙ୍କ ଜୟନ୍ତୀକୁ ଅହିଂସା ଦିବସ ଭାବେ ପାଳନ କରାଯାଉଛି। ସହରର ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଲାଞ୍ଜିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, କେସି ଟାଉନ ହାଇସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନେ ଗାନ୍ଧୀ ଜୟନ୍ତୀ ପାଳନ କରିଥିଲେ। ଦଶହରା ଛୁଟି ଲାଗି ବହୁ କମ୍‌ସଂଖ୍ୟକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ସେହିପରି ଘରୋଇ ଗୁରୁକୁଳ ପବ୍ଲିକ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ସମ୍ପାଦିକା ଅନୀତା କୁମାରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ ଓ ଗାଇଡ୍ ପକ୍ଷରୁ ଅହିଂସା ଦିବସ ରାଲି ଅନୁଷ୍ଠିତ ହୋଇଥିଲା। କ୍ୟାଡେଟ ଓ ସ୍ୱେଚ୍ଛାସେବୀମାନେ ହାତରେ ଶାନ୍ତୀ, ମୈତ୍ରୀ ଓ ସତ୍ୟପଥରେ ଅଗ୍ରସର ହେବା ନିମନ୍ତେ ମହାତ୍ମା ଗାନ୍ଧୀଙ୍କ ମହତ୍ ବାଣୀ ଉଲ୍ଲେଖ ଥିବା ପ୍ଲାକାର୍ଡ ସହ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ। ଏହାସହ ସହରର ବରିଷ୍ଠ ନାଗରିକ ମଞ୍ଚ, ଆମ୍ ଆଦ୍‌ମୀ ପାର୍ଟି ସମେତ ଅନ୍ୟ ରାଜନୈତିକ ଦଳ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସହରର ଗାନ୍ଧୀନଗର ମୁଖ୍ୟ ଛକରେ ଥିବା ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ୪୮ ବର୍ଷରେ ଗୋଷାଣୀନୂଆଗାଁ, ନେହେରୁ ନଗର ପୂଜା

ବ୍ରହ୍ମପୁର ଅଫିସ,୨।୧୦


ଗୋସାଇଁ ନୂଆ ଗାଁ ଓ ନେହେରୁ ନଗର ପୂଜା ମଣ୍ଡପ।

ଶାରଦୀୟ ଦୁର୍ଗା ପୂଜାକୁ ନେଇ ବ୍ରହ୍ମପୁର ସହର ଝଲୁସୁଛି। ଏହି ମର୍ମରେ ଗୋଷାଣୀନୂଆଗାଁ ଓ ନେହେରୁନଗର ଚଳିତ ବର୍ଷ ୪୮ତମ ପୂଜା ପାଳନ କରୁଛି। କମିଟି ପକ୍ଷରୁ ୧୯୭୪ରେ ପୂଜା ଆରମ୍ଭ ହୋଇଥିଲା। ସେ ସମୟରେ ଦେବେନ୍ଦ୍ର ଚୌଧୁରୀ, ହରି ଚୌଧୁରୀ ମିଳିତ ଭାବେ ପୂଜା ଆରମ୍ଭ କରିଥିଲେ। ଚଳିତ ଥର କମିଟି ପକ୍ଷରୁ କେ.ସି.ହାଇସ୍କୁଲ ପଡିଆଠାରେ ପୂଜା ଅନୁଷ୍ଠିତ ହେଉଛି। କଲିକତା କାରିଗରଙ୍କ ଦ୍ୱାରା ୧୨ ଫୁଟ ଉଚ୍ଚତା ମୂର୍ତ୍ତି ନିର୍ମାଣ କରାଯାଇଛି। ପ୍ରତି ଦିନ ସୂର୍ଯ୍ୟ ପୂଜା ସହ ସନ୍ଧ୍ୟାରେ ୧୦୮ ଆଳତୀ କରାଯାଉଛି। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି। ଏଥିସହ ସନ୍ଧ୍ୟା ଆଳତୀ ପରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପୋଲିଆରୀ ଓ ହାଲୁଆ ଭୋଗ ବଣ୍ଟନ କରାଯାଉଛି। ପୂଜା ମଣ୍ଡପ ନିକଟରେ ପ୍ରତିଦିନ ମେଲୋଡି ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି।

୨୦୨୪ ରେ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହାଆଡମ୍ବର ସହକାରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କମିଟି ସଭାପତି ସୁକାନ୍ତ କୁମାର ପଣ୍ଡା, ସମ୍ପାଦକ କୈଳାସ ଚୌଧୁରୀ, କୋଷାଧକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ସମେତ ମନୋଜ କୁମାର ଚୌଧୁରୀ, ସିପୁନ ପାଣିଗ୍ରାହୀ ଓ କୈପିଳାସ ଚୌଧୁରୀ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

